## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କୁ ଧନ୍ୟବାଦ ଜଣାଇଲେ ଛାତ୍ରୀ

ପାପଡ଼ାହାଣ୍ଡି,୧୭।୪(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଦଲେଇଗୁଡା ସରକାରୀ ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରୀମାନେ ଭିଡିଓ କନ୍‌ଫରେନ୍ସରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସହ କଥା ହୋଇଛନ୍ତି। ଗତ ଦିନରେ ନବରଙ୍ଗପୁର ଜିଲାଗସ୍ତରେ ଆସି ୫-ଟି ସଚିବ ଲୋକଙ୍କର ସମସ୍ୟା ପଚାରି ବୁଝିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ କଲେଜ ଛାତ୍ରୀଛାତ୍ର, ଅଧ୍ୟାପକ ପ୍ରମୁଖ ସମସ୍ୟା ଜଣାଇଥିଲେ। ୫-ଟି ସଚିବ ନବରଙ୍ଗପୁର ଜିଲାର ବିଭିନ୍ନ କଲେଜକୁ ଅନୁଦାନ ପ୍ରଦାନ କରିଥିବା ବେଳେ ପାପଡାହାଣ୍ଡି ସରକାରୀ ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟ କଲେଜ ଗୃହ ନିର୍ମାଣ ପାଇଁ ୨୫ ଲକ୍ଷ ଟଙ୍କାର ଅନୁଦାନ ଦେଇଛନ୍ତି। ସେହିପରି ଜିଲା ୧୦ ବିଦ୍ୟାଳୟର ଉନ୍ନତିକରଣ ପାଇଁ ମଧ ଅନୁଦାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଆଧାପକ, ବିଡିଓ ଦିବାକର ବାଗ ଓ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ। ଛାତ୍ରୀମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଧନ୍ୟବାଦ ଦେଇଛନ୍ତି। ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ, ବ୍ଲକ ଅଧକ୍ଷା ହେମଲତା ମାଝି, ଉପାଧକ୍ଷ ସୁଶାନ୍ତ ବେହେରା, ଏସଡିସି ଉପାଧକ୍ଷ ଭାନୁମତି ପୁଜାରୀ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

### ଚତୁର୍ଥ ଶ୍ରେଣୀ ଜିଲା ସ୍ତରୀୟ ଜରୁରୀ ବୈଠକ

ଧୋଡ୍ରା,୧୭।୪(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଶହୀଦ ମିନାରଠାରେ ପଞ୍ଚାୟତର ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଏକ ଜିଲା ସ୍ତରୀୟ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସନ୍ୟାସୀ ଧୋବୀଙ୍କ ନେତୃତ୍ୱରେ ୧୦ଟି ବ୍ଲକର ସଭାପତି, ସମ୍ପାଦକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ସମସ୍ତ କର୍ମଚାରୀ ଉପସ୍ଥିତ ରହି ନିଜ ହକ ଦାବିର ଆଲୋଚନା କରିଥିଲେ। ସମାନ କାମକୁ ସମାନ ଦରମା, ସ୍ଥାୟୀ ନିଯୁକ୍ତି, ସର୍ବନିମ୍ନ ମଜୁରି ପ୍ରଦାନ, ସରକାରଙ୍କ ରାଜକୋଷରୁ ଦରମା ପ୍ରଦାନ ଆଦି ଦାବି ନେଇ ଆଗାମୀ ଦିନରେ ଯେମିତି ସରକାରଙ୍କ ପାଖରେ ଉପସ୍ଥାପନା କରିବେ ସେନେଇ ଆଲୋଚନା ହୋଇଥିଲା। ଜିଲା କୋଷାଧକ୍ଷ ଜୟଦାଶ ପନକା ସଭାପରିଚାଳନା କରିଥିବା ବେଳେ ଜିଲା ସମ୍ପାଦକ ସୁବାସ ହରିଜନ ଧନ୍ୟବାଦ ଦେଇଥିଲେ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ବୈପାରୀଗୁଡ଼ା,୧୭।୪(ଡି.ଏନ୍.ଏ.)- ବୈପାରୀଗୁଡ଼ା ପଞ୍ଚାୟତ ସମିତି ପରିସରରେ କୋରାପୁଟ ଜିଲାପାଳ ଏମ୍ ଆକତରଙ୍କ ଦ୍ୱାରା ଜନ ଶୁଣାଣି ହୋଇଥିଲା। ଏଥିରେ ସମୁଦାୟ ୭୫ଟି ଅଭିଯୋଗର ଶୁଣାଣି ହୋଇଛି। ପ୍ରମୁଖ ଅଭିଯୋଗ ମଧରେ ପାନୀୟ ଜଳସମସ୍ୟା, ରାସ୍ତା ସମସ୍ୟା, ଅତିରିକ୍ତ ଶ୍ରେଣୀଗୃହ ଓ ଶିକ୍ଷକଅଭାବି ସମସ୍ୟା ରହିଥିଲା। ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ସମେତ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିମଳକାନ୍ତ ବ୍ରହ୍ମା, ଜୟପୁର ଉପଜିଲାପାଳ ଦେବବର ପ୍ରଧାନ, ବୈପାରୀଗୁଡ଼ା ତହସିଲଦାର ସ୍ନିଗ୍ଧାରାଣୀ ଚୌଧୁରୀ, ବିଡିଓ ଅଭିମନ୍ୟୁ କବି ଶତପଥୀ ଓ ବ୍ଲକ ଅଧକ୍ଷ ପ୍ରଶାନ୍ତକୁମାର ଗୁପ୍ତାଙ୍କ ସମେତ ଜିଲା ସ୍ତରୀୟ ବିଭିନ୍ନ ବିଭାଗର ବରିଷ୍ଠ ଅଧୀକାରୀମାନେ ଯୋଗଦେଇଥିଲେ।

### ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର,୧୭।୪(ନି.ପ୍ର) -ଜୟପୁର ବ୍ଲକ ଅନ୍ତର୍ଗତ ଜୟନ୍ତିଗିରିରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଅଭିଯୋଗ ଶୁଣାଣିରେ ବ୍ଲକ ଅଧକ୍ଷା ତିଲୋତ୍ତମା ମୁଦୁଲି, ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ସରପଞ୍ଚ, ସମିତି ସଭ୍ୟା, କନିଷ୍ଠ ଯନ୍ତ୍ରୀ , ପିଇଓ, ଜିଆରଏସ୍ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ ହର୍ଟିକଲଚର, କୃଷି ବିଭାଗ ଏବଂ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା।

# ପୌର ପରିଷଦରେ ସରକାରୀ ଟେଣ୍ଡର ନିୟମକୁ ଅଣଦେଖା

ଉମରକୋଟ, ୧୭।୪(ସ୍ୱ.ପ୍ର.)

ଉମରକୋଟ ପୌର ପରିଷଦରେ ସରକାରୀ ଟେଣ୍ଡର ନିୟମକୁ ବେଖାତିରକରି ଅହେତୁକ ଅନୁକମ୍ପା ଦେଖାଇବା ଭଳି ଏକ ଘଟଣା ଏବେ ପଦାକୁ ଆସିଛି। ପୌର ପରିଷଦରେ ମାସିକ ଭଡ଼ାରେ ଗାଡ଼ି ଆବଶ୍ୟକ ବୋଲି ଏକ ଖବରକାଗଜରେ ୧୪ ଫେବୃୟାରୀରେ ଟେଣ୍ଡର ପ୍ରକାଶ ପାଇଥିଲା। ଏହି କ୍ରମରେ ୩ଟି ଗାଡ଼ି ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିଥିଲେ। ଓଡି-୧୦ଡି-୨୭୨୭ ଉକ୍ତ ଗାଡ଼ିଟି ୭ବର୍ଷରୁ ଅଧିକ ପୁରୁଣା (୩୦,୫୦୦ ଟଙ୍କା), ଓଡି-୦୨ଏପି-୦୧୦୨ ଯାହାକି ୫ବର୍ଷରୁ ଅଧିକ ପୁରୁଣା (୩୧,୦୦୦ ଟଙ୍କା) ଓ ୨ ମାସର ଗାଡ଼ି ଓଡି-୧୦ଡବ୍ଲ୍ୟୁ-୦୩୦୩ (୩୦,୦୦୦ ଟଙ୍କା) ପୌର ପରିଷଦର ନିୟମାନୁଯାୟୀ ସହମତି ହୋଇ କାଗଜପତ୍ର କାର୍ଯ୍ୟାଳୟରେ ଦାଖଲ କରିଥିଲେ। କିନ୍ତୁ ସବୁଠାରୁ କମ୍ ରେଟ୍‌କୁ ଅଗ୍ରାହ୍ୟ କରି (ଓଡି-୧୦ଡବ୍ଲ୍ୟୁ-୦୩୦୩) ଗାଡ଼ିଟି ଯୋଗ୍ୟ ବିବେଚିତ ହୋଇଥିଲା।

ପୌର ପରିଷଦର ଟେଣ୍ଡର ନିୟମ ମୁତାବକ ୩ ବର୍ଷରୁ ଉର୍ଦ୍ଧ୍ୱ ଦିନର ଗାଡ଼ି ପରିଷଦରେ ଭଡ଼ା ଆକାରରେ ଲାଗିପାରିବ ନାହିଁ। ଏହି କ୍ରମରେ ଓଡି-୧୦ଡି-୨୭୨୭ ଓ ଓଡି-୦୨ଏପି-୦୧୦୨ ଗାଡ଼ି ଦୁଇଟି ଟେଣ୍ଡର ପ୍ରକ୍ରିୟାରୁ ବାଦ୍ ପଡ଼ିଯାଉଛନ୍ତି। ଏହି ଟେଣ୍ଡର ପ୍ରକ୍ରିୟାରେ ଗୋଟିଏ ଗାଡ଼ି ରହିଲା। ଏହି କ୍ଷେତ୍ରରେ ଏହାକୁ ଏକକ ଟେଣ୍ଡର ଭାବେ ପରିଗଣିତ କରାଯିବା କଥା। ଓପିଡବ୍ଲ୍ୟୁଡି ରୁଲ୍ ଟେଣ୍ଡର ନିୟମାନୁଯାୟୀ ଏକ ଟେଣ୍ଡରରେ ଯଦି ଗୋଟିଏ ଅଂଶୀଦାର ରୁହନ୍ତି ତାକୁ ରଦ୍ଦ କରାଯିବା କଥା। ଅନ୍ୟ ଏକ ଦିଗକୁ ଚିନ୍ତାକଲେ ଯେଉଁ ତିନୋଟି ଗାଡ଼ି ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଥିଲେ ସେଥିମଧ୍ୟରୁ ୨ଟି ଗାଡ଼ି ପ୍ରାଇଭେଟ ଗାଡ଼ି ଓ ଗୋଟିଏ ଗାଡ଼ି ଟ୍ୟାକ୍ସି ପରମିଟ। ଏହି କ୍ଷେତ୍ରରେ ମଧ ୨ଟି ଗାଡ଼ି ବାଦ୍ ପଡ଼ିବା କଥା। ଏଠାରେ ମଧ ଏକକ ଟେଣ୍ଡରଭାବେ ପରିଗଣିତ କରାଯାଇ ଏହାକୁ ରଦ୍ଦ କରି ପୁନର୍ବାର ଟେଣ୍ଡର ଆହ୍ୱାନ କରାଯିବା କଥା। କିନ୍ତୁ ଏହା ନ କରି ମୋଟା ଅଙ୍କର ଭଡ଼ା ଦେଇ ମାସିକ ଚୁକ୍ତିନାମା କରାଗଲା। ପୌର ପରିଷଦରେ ଏପରି ଅନେକ କାର୍ଯ୍ୟ ଚାଲିଛି। ଜିଲାପାଳ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସରକାରଙ୍କ ଟଙ୍କା ହରିଲୁଟ ହେବା ଆଶଙ୍କା ରହିଛି ବୋଲି ବୁଦ୍ଧିଜୀବୀ କହିଛନ୍ତି। ଏ ନେଇ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଋଷି ମାଝିଙ୍କୁ ପଚାରିବାରୁ ପୌର ପରିଷଦ ପାଇଁ ଗାଡ଼ି ଆବଶ୍ୟକ ଥିଲା। ତେଣୁ କମ ରେଟରେ ଯେଉଁ ଗାଡି ରହିଛି ତାକୁ ଚୟନ କରି ଲଗାଯାଇଛି। ଟେଣ୍ଡର ନିୟମକୁ ଉଲ୍ଲଂଘନ କରାଯାଇ ନାହିଁ। ନିୟମାନୁଯାୟୀ ଗାଡ଼ି ଚୟନ କରାଯାଇଛି ବୋଲି ସେ କହିଛନ୍ତି।

# ୧୮ ସୁଦ୍ଧା ଜାଗା ଖାଲି ନ କଲେ ୧୯ରେ ଉଚ୍ଛେଦ

## ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ବୈଠକ

ଉମରକୋଟ, ୧୭।୪(ସ୍ୱ.ପ୍ର.)

ଉମରକୋଟ ସହରର ରାଜ୍ୟ ରଜପଥ ମେଡ଼ିକାଲକୁ ଯିବା ଛକରୁ ମିକ୍ସ ଫାର୍ମ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତି କରଣ କରାଯିବ। ଏ ନେଇ ନବରଙ୍ଗପୁର ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ତହସିଲ ଅଫିସରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ରାସ୍ତା ପାର୍ଶ୍ୱରେ ବସବାସ କରୁଥିବା ଲୋକମାନେ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ଉପଜିଲାପାଳଙ୍କ ବ୍ୟତିତ ତହସିଲଦାର ତୁଳାରାମ ମୁଦୁଲି , ଏସ୍‌ଡିପିଓ ଶୁଭେନ୍ଦୁ ଶବର, ପୌର ନିର୍ବାହୀ ଅଧିକାରୀ ଋଷି ମାଝି, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବିନାୟକ ବେହେରା, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ସୁଶାନ୍ତ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

ରୋଡ଼ର ପ୍ରଶସ୍ତିକରଣ ଓ ଏକ ପୋଲ ନିର୍ମାଣ ପାଇଁ ସରକାର ଅର୍ଥ ମଞ୍ଜୁର କରିଛନ୍ତି। ଉକ୍ତ କାମଟି ପୂର୍ତ୍ତ ବିଭାଗ ଦ୍ୱାରା କରାଯିବ। ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୫ଟି ବ୍ଲକ ର ଲୋକେ ନିର୍ଭର କରୁଥିବାବେଳେ ବର୍ତ୍ତମାନ ଏହି ରୋଡ଼ଟି ବହୁ ଜନ ଗହଳିପୂର୍ଣ୍ଣ ରହୁଛି। ଲୋକ ଓ ରୋଗୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରାସ୍ତା ପ୍ରଶସ୍ତୀକରଣ ନିହାତି ଆବଶ୍ୟକ ବୋଲି ପ୍ରଶାସନ ଏହି ପଦକ୍ଷେପ ନେଇଛି। ଯେଉଁ ଲୋକମାନେ ଉକ୍ତ ରାସ୍ତାରେ ସରକାରୀ ଜମିକୁ ଜବର ଦଖଲ କରିଛନ୍ତି ସେମାନେ ୧୮ ତାରିଖ ସୁଦ୍ଧା ଖାଲି କରିବେ। ନଚେତ ୧୯ ତାରିଖ ଦିନ ଜିଲା ପ୍ରଶାସନ ରାସ୍ତା ଉପରକୁ ମାଡ଼ି ଆସିଥିବା ଲୋକଙ୍କୁ ଉଚ୍ଛେଦ କରିବ ବୋଲି ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ଅବଗତ କରାଇବା ସହ ଚିହ୍ନ ମଧ ଦିଆ ସରିଛି। ଇଞ୍ଚେ ମଧ ସ୍ଥିତିବାନ ଜାଗା କାହାର ନିଆଯିବନି ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।


ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଢ଼ିବାକୁ ଶପଥ

## ପ୍ରବାଦ ପୁରୁଷଙ୍କ ଶ୍ରାଦ୍ଧ ଦିବସ ପାଳିତ

ପାପଡାହାଣ୍ଡି/ଡାବୁଗାଁ, ୧୭।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଡାବୁଗାଁ ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୬ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଜିଲା ବିଜେଡି ଉପସଭାପତି ବଦ୍ରିନାରାୟଣ ସିଂଘଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ବିଧାୟକ ମନହୋର ରନ୍ଧାରୀ ମୁଖ୍ୟ ଅତିଥି, ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ପାପଡ଼ାହାଣ୍ଡି ବ୍ଲକ ଅଧକ୍ଷା ହେମଲତା ମାଝି, ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ଏମ୍. ଆପ୍ପା ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ବିଜୁ ବାବୁଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତି ଚାରଣ କରିଥିଲେ । ସ୍ୱତନ୍ତ୍ର ଓଡ଼ିଶା ଗଠନ ଓ ବିକାଶ ଦିଗରେ ବିଜୁ ବାବୁ ଦେଖିଥିବା ସ୍ୱପ୍ନ ସାକାର କରିବାକୁ ସମସ୍ତେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଧର ମଲ୍ଲିକ, ସୁରେନ୍ଦ୍ର ମିଶ୍ର, ଗୁପ୍ତ ପଟ୍ଟନାୟକ, ସରୋଜ ଚନ୍ଦ୍ର ଜାଲ, ଏମ୍. ବୁଲୁ ରାଓ, ଲିଙ୍ଗରାଜ ଭତରା ତ୍ରିଲୋଚନ ଧାକଡ଼, ଗୁପ୍ତ ବିଷୋୟୀ, ପ୍ରହ୍ଲାଦ ଅଗ୍ରୱାଲଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

ଡାବୁଗାଁ ବ୍ଲକ ଶ୍ରୀଜଗନ୍ନାଥ ମନ୍ଦିର ସାମ୍ନାରେ ବିଜୁ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ବିଜୁବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା। ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ ନେତା ତଥା ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପାରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଜୋନ୍-୧ ଜିଲା ପରିଷଦ ସଭ୍ୟ ଧନ ସିଂ ଭତ୍ରା, ଜୋନ୍-୨ ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ଉପାଧକ୍ଷ ସଦାନନ୍ଦ ନାୟକ, ଡଙ୍ଗରିଗୁଡ଼ା ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ ବେହେରା, ବ୍ଲକ ମହିଳା ସଭାନେତ୍ରୀ ହୀରା ହରିଜନ, ଜିଲା ବିଜେଡି ମହିଳା ସମ୍ପାଦକ ସ୍ୱର୍ଣ୍ଣଲତା ଭତ୍ରା, ବ୍ଲକ ମିଡିଆ ସେଲ୍‌ର ସବିତା ମହାନ୍ତି, ଡାବୁଗାଁ ପଞ୍ଚାୟତ ସଭାପତି ଜି. ପ୍ରକାଶ ରାଓ, ଗେଦୁ ପଟ୍ଟନାୟକ, ଟି. ମୁରଲୀରାଓ, ପି. ସୁବୁଦ୍ଧି ରାଓ, ଜଳନ୍ଧର ବିଷୋୟୀ, ପି. ନାଗା, ଶିବପ୍ରସାଦ ମିଶ୍ର, ଭଗବାନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।



ପାପଡାହାଣ୍ଡି ଓ ଡାବୁଗାଁରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

## ସମାନ କାମକୁ ସମାନ ଦରମା, ସ୍ଥାୟୀ ନିଯୁକ୍ତି ଦାବି

### ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଜିଲାସ୍ତରୀୟ ବୈଠକ

ପାପଡ଼ାହାଣ୍ଡି,୧୭।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଶହୀଦ ମିନାରରେ ପଞ୍ଚାୟତର ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସନ୍ୟାସୀ ଧୋବୀଙ୍କ ନେତୃତ୍ୱରେ ୧୦ ବ୍ଲକର ସଭାପତି, ସମ୍ପାଦକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ସଦସ୍ୟ ଉପସ୍ଥିତ ରହି ନିଜ ଦାବି ବିଷୟରେ ଆଲୋଚନା କରିଥିଲେ। ସମାନ କାମକୁ ସମାନ ଦରମା, ସ୍ଥାୟୀ ନିଯୁକ୍ତି, ସର୍ବନିମ୍ନ ମଜୁରୀ ପ୍ରଦାନ, ସରକାରଙ୍କ ରାଜକୋଷରୁ ଦରମା,୨୦୧୪ମସିହା ନିୟମ ୧୨୫ ଓ ୧୬୪, ୧୨୩ଆଇନକୁ ତୁରନ୍ତ ସଂଶୋଧନ କରିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା ହେବ। ସେ ନେଇ ବୈଠକରେ ସ୍ଥିର ହୋଇଛି। ଜିଲା କୋଷାଧ୍ୟକ୍ଷ ଜୟଦାଶ ପନକା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଜିଲା ସମ୍ପାଦକ ସୁବାଷ ହରିଜନ ଧନ୍ୟବାଦ ଜଣାଇ ଥିଲେ।

## ୮୫ ୟୁନିଟ୍ ରକ୍ତ ସଂଗ୍ରହ

ଉମରକୋଟ,୧୭।୪( ଡି.ଏନ୍.ଏ.)

ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ବିଜେଡି ପକ୍ଷରୁ ଉମରକୋଟ ବ୍ଲକ ଅନ୍ତର୍ଗତ ସିଂଶାରୀଠାରେ ଥିବା ବାତ୍ୟାସ୍ଥଳୀରେ ଏକ ରକ୍ତ ଦାନ ଶିବିର ଆୟୋଜିତ ହେଇଥିଲା। ଶିବିରକୁ ସାଂସଦ ରମେଶ ଚନ୍ଦ୍ର ମାଝୀ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ରାଜ୍ୟ ସରକାରଙ୍କ ଉଠା ଜଳସେଚନ ବିଭାଗର ଉପଦେଷ୍ଟା ପ୍ରମୋଦ କୁମାର ପାଢୀ, ଉମରକୋଟ ପଞ୍ଚାୟତ ସମିତି ଅଧକ୍ଷା ସୁଶୀଳା ମାଝୀ, ବରିଷ୍ଠ ବିଜେଡି ନେତା ଦେବୀ ସିଂ ମାଝୀ, ସଞ୍ଜୟ ଗୁପ୍ତା ପ୍ରମୁଖ ଉପସ୍ଥିତଥିଲେ। ବ୍ଲକ ବିଜେଡି ସଭାପତି ଅଜିତ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏହି ଶିବିର ଅନୁଷ୍ଠିତ ହେଇଥିଲା। ଶିବିରରେ ମୋଟ ୮୫ ୟୁନିଟ୍ ରକ୍ତ ସଂଗ୍ରହ ହେଇଥିଲା। ନବରଙ୍ଗପୁର ବ୍ଲଡ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ବିଜୁ ପଟ୍ଟନାୟକଙ୍କ ଓଡ଼ିଶା ପ୍ରତି ଥିବା ଅବଦାନକୁ ନେଇ ସ୍ମୃତି ଚାରଣ କରିଥିଲେ। ଏଥିସହ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶିବିରରେ ଦଳୀୟ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

# ପାଠପଢ଼ା ପ୍ରତି ଧ୍ୟାନଦେଇ ଆଗକୁ ବଢ଼ିବାକୁ ପରାମର୍ଶ



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଝରିଗାଁ, ୧୭।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକସ୍ଥିତ ସିଏସ୍‌ସି ବାଲ୍ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ଉପଦେଷ୍ଟା ସଦସ୍ୟ ତ୍ରିଲୋଚନ ପାଣ୍ଡେଙ୍କ ସଭାପତିତ୍ୱରେ ଏକ ବୈଠକ କରାଯାଇଛି। ବୈଠକରେ ନବରଙ୍ଗପୁର ଜିଲା ସିଏସ୍‌ସି ଅଧିକାରୀ ଏମ୍‌ଡି ଅନିଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ କିଭଳି ଡିଜିଟାଲ ମାଧ୍ୟମରେ ପାଠ ପଢ଼ିବେ ସେ ନେଇ ମତ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରବୀନ୍ଦ୍ରନାଥ ଦାସ, ଉପସଭାପତି ସନ୍ଧ୍ୟାରାଣୀ ମହାକୁଡ଼, ଉପଦେଷ୍ଟା ରାମଚନ୍ଦ୍ର ନନ୍ଦ, ସମ୍ପାଦକ ଝରେନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ପିତମ ପନକା, ଶିକ୍ଷକ ଶିବନାରାୟଣ,ବିଭୁପ୍ରସାଦ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀ କ୍ରିତିକା ମଣ୍ଡଳ, ପ୍ରତ୍ୟାଶା ସାମଲ, ବର୍ଷା ସାହୁ, ଅନ୍ୟାନ୍ୟ ବେହେରା, ଶ୍ରେୟଶ୍ରୀ ବେହେରା,ସୁହାନି ପାଢ଼ୀ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ବିବରଣୀ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୃତ୍ୟ ଶିକ୍ଷକ ମହେଶ ପଟ୍ଟନାୟକ ଏବଂ ଶିକ୍ଷୟିତ୍ରୀ ହୀରାମଣି ପାଙ୍ଗୀ ନୃତ୍ୟ ପ୍ରଶିକ୍ଷଣ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷକ ବିପିନ ବିହାରୀ ନାୟକ ପରିଚାଳନା କରିଥିଲେ। ଛୋଟ ପିଲାଙ୍କର ଓଡ଼ିଶୀ ଏବଂ ଢେମସା ନୃତ୍ୟ ମୁଖ୍ୟ ଆକର୍ଷଣ ଥିଲା। ପୂର୍ବରୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ସନ୍ତୋଷ ସାହୁ ଧନ୍ୟବାଦ ଦେଇଥିଲେ। ସୌମ୍ୟରଞ୍ଜନ ଜେନା, ପ୍ରତିମା ସାହୁ, ହରପ୍ରିୟା ପଟ୍ଟନାୟକ, ଯମୁନା ଖିଲ, ବିନ୍ଧୁ ନାୟକ, ଭବେନ୍ଦ୍ର ଜାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରୂପାନ୍ତରିତ ହେବ ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## ୫-ଟି ସଚିବଙ୍କ ସହ ଭିଡିଓ କନ୍‌ଫରେନ୍ସରେ କଥା ହେଲେ ଛାତ୍ରୀଛାତ୍ର



ତେନ୍ତୁଲିଖୁଣ୍ଟି, ୧୭।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକର ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ରୂପାନ୍ତରୀକରଣ କରାଯିବ। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିଆନ କଥାବାର୍ତ୍ତା ହୋଇଥିଲେ। ୫୦ ଲକ୍ଷ ଟଙ୍କା ବ୍ୟୟରେ ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରି, ଇ-ଲାବରେଟୋରି, ଆଇସିଟି ରୁମ୍ ସହ ଖେଳ ପଡ଼ିଆର ବିକାଶ ମଧ କରାଯିବ। ବିଦ୍ୟାଳୟ କାର୍ଯ୍ୟକାରୀ ଅଧକ୍ଷ ଯଶୋବନ୍ତ ବରାଳଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଦୁର୍ଯ୍ୟୋଧନ ଭୋଇ, ବ୍ଲକ ଅଧକ୍ଷା ନୀଲେନ୍ଦ୍ରୀ ନାୟକ, ଜିଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, କ୍ରିଷ୍ଣା ମଞ୍ଜରୀ ବିଷୋୟୀ, ବ୍ଲକ ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ସମିତିସଭ୍ୟ ସୁଧୀର ଖୁରା, ସୁକାନ୍ତି ମହାନ୍ତି, ସରପଞ୍ଚ ବନ୍ଦିତା ନାୟକ, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଗ ,ମଞ୍ଜୁଳା ମାଝି, ଲ୍ୟାମ୍ପ ସଭାପତି ଅଖିଳ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟର ଗୁଣବତ୍ତା ପ୍ରତି ବିଶେଷ ଧ୍ୟାନ ଦେବାକୁ ସଚିବ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଚୋରାରେ ବାଲି ଚାଲାଣବେଳେ ୨ ଟିପ୍ପର ଜବତ

ଉମରକୋଟ/ନବରଙ୍ଗପୁର, ୧୭।୪(ସ୍ୱ.ପ୍ର./ବି.ପ୍ର.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକର କୋଡ଼ିଙ୍ଗା ତହସିଲ ଅଧୀନ ଦୁରାଗାଁ ସୌରତରୁ ଚୋରାରେ ବାଲି ଚାଲାଣ ହେଉଥିବାବେଳେ ୨ଟି ଟିପ୍ପର ଜବତ କରାଯାଇଛି। ନବରଙ୍ଗପୁର ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ, ବରଗାଁ ରାଜସ୍ୱ ନିରୀକ୍ଷକ କୈଳାସ ଭତ୍ରା ଓ କୋଷାଗୁମୁଡ଼ା ରାଜସ୍ୱ ନିରୀକ୍ଷକ ମନୋଜ କୁମାର ମାଳି ଗାଡ଼ିଗୁଡ଼ିକୁ ଜବତ କରି କୋଷାଗୁମୁଡ଼ା ଥାନାରେ ରଖିଛନ୍ତି। ତେବେ ବାଲି ବୋଝେଇ କରି ଗାଡ଼ିଗୁଡ଼ିକ ପଡୋଶୀ କୋରାପୁଟ ଜିଲାର ସେମିଳିଗୁଡ଼ାକୁ ଯାଉଥିବା ସମୟରେ ଜବତ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। କୋଷାଗୁମୁଡ଼ା ଅଞ୍ଚଳରେ ବିନା ରୋୟାଲିଟିରେ ସୌରତରୁ ବାଲି ପଡୋଶୀ ରାଜ୍ୟକୁ ଯାଉଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବା ସହ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଅଭିଯୋଗ ଶୁଣି ସମାଧାନ ପ୍ରତିଶ୍ରୁତି

## ବ୍ଲକସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ନନ୍ଦାହାଣ୍ଡି,୧୭।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଞ୍ଚଳର ବିଭିନ୍ନ ସମସ୍ୟା, ଆପତ୍ତି, ଅଭିଯୋଗ ଜଣାଇବା ପାଇଁ ଆସିଥିବା ୪୧ ଜଣଙ୍କର ନାମ ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ୩୨ଟି ବ୍ୟକ୍ତିଗତ ଓ ୯ଟି ଗୋଷ୍ଠୀଗତ ଅଭିଯୋଗ ଥିଲା । ଜିଲାପାଳ ଡ. କମଳଲୋଚନ ମିଶ୍ର ଓ ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଅଭିଯୋଗରେ ମୁଖ୍ୟତଃ ପାନୀୟଜଳ, ସ୍ୱାସ୍ଥ୍ୟସେବା,ରାସ୍ତା ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ, ବାର୍ଦ୍ଧକ୍ୟ ଭତ୍ତା, ଶିକ୍ଷା, ଜମିଜମା ଏବଂ ଚାଷଜମିରେ ଜଳସେଚନ ସମ୍ବନ୍ଧୀୟ ଅଭିଯୋଗ ଥିଲା। ଜିଲାପାଳ ଆପତ୍ତି ଅଭିଯୋଗ ଶୁଣିବା ସହିତ ଏ ସମ୍ବନ୍ଧିତ ଅଭିଯୋଗ ପତ୍ର ଗ୍ରହଣକରି ଏହାର ସମାଧାନ ପାଇଁ ଆବଶ୍ୟକ ପଦପେକ୍ଷ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଗୋଟିଏ ହ୍ୱିଲ୍ ଚେୟାର, ତିନୋଟି ବସ୍ ପାସ୍, ଜଣେ ଦିବ୍ୟାଙ୍ଗଙ୍କୁ ସ୍କଲାରଶିପ ଏବଂ ୟୁକୋ ବ୍ୟାଙ୍କ ପକ୍ଷରୁ ୧୫୦୦୦ ଟଙ୍କାର ଡିଆର୍‌ଆଇ ଋଣ ଆଦି ଯୋଗ୍ୟ ହିତାଧିକାରୀଙ୍କୁ ବଣ୍ଟନ କରିଥିଲେ। ଏହି ଯୁଗ୍ମ ଶୁଣାଣି ଶିବିରରେ ନନ୍ଦାହାଣ୍ଡି ବ୍ଲକ ଅଧକ୍ଷା ରଶ୍ମିତା ମାଝି, ଉପାଧକ୍ଷ ସଦନ ଗୌଡ଼, ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ନନ୍ଦାହାଣ୍ଡି ତହସିଲଦାର ଡ. ବନମାଳୀ ମେହେର, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମଳୟ ତ୍ରିପାଠୀ, ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଜିଲା ଏବଂ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀ ଏବଂ ପୋଲିସ ଉପସ୍ଥିତ ଥିଲେ।



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଏକ ଅଭିଯୋଗର ଶୁଣାଣି କରୁଛନ୍ତି।

# ଧର୍ମପୀଠ ଜାଗାକୁ ଚଞ୍ଚକତାକରି ନେଇଥିବା ଅଭିଯୋଗ

- ଥାନାରେ ଏତଲା
- ତହସିଲଦାରଙ୍କୁ ଜଣାଇଲା କବୀରପନ୍ଥୀ ପନକା ସମାଜ

ଝରିଗାଁ,୧୭।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ କୁସୁମୀ ଗ୍ରାମରେ ରହିଛି କବୀର ଧର୍ମପୀଠ। ସେମାନଙ୍କ ଦଖଲ ଥିବା ସରକାରୀ ଜମି ଖାତା ନଂ.୩୦୭/୨୦୨, ପ୍ଲଟ୍ ନଂ. ୭୩୪/୧୭୩୪ ର ୦.୬୪ ଡିସିମିଲ ଜାଗାକୁ ଚଞ୍ଚକତାକରି ମାନିକପୁରୀ ପନକା ସମାଜର ପୂର୍ବତନ ବ୍ଲକ ସଭାପତି ବଂଶୀଧର ପନକା ନିଜ ମାଆ ଧନମତୀଙ୍କ ନାମରେ ପଟ୍ଟା କରିଥିବା ନେଇ ଅଭିଯୋଗ କରିଛି କବୀରପନ୍ଥୀ ପନକା ସମାଜ। ଏ ନେଇ ସେମାନେ ତହସିଲଦାରଙ୍କୁ ଅଭିଯୋଗ କରିବା ସହ ଥାନାରେ ଲିଖିତଭାବେ ଜଣାଇଛନ୍ତି।

୫-ଟି ସଚିବଙ୍କ ନବରଙ୍ଗପୁର ଜିଲା ଗସ୍ତ ସମୟରେ ପନକା ସମାଜର କର୍ମକର୍ତ୍ତାମାନେ ଏକ ବୈଠକ ଗୃହ ଏବଂ ପାଚେରି ନିର୍ମାଣ ସକାଶେ ସହାୟତା ପ୍ରଦାନ କରିବାକୁ ନିବେଦନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ୧୦ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ନେଇ ଘୋଷଣା ହୋଇଥିଲା। ଏହାକୁ ଭିତ୍ତିକରି ସମ୍ପୃକ୍ତ ସମାଜର କର୍ମକର୍ତ୍ତାମାନେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ଯାଇ ସ୍କେଚ୍ ମ୍ୟାପ ପାଇଁ ଆବେଦନ କରିଥିଲେ। ପନକା ସମାଜ ଦଖଲରେ ରହିଥିବା ଜାଗାଟି ଧନମତୀ ପନକାଙ୍କ ନାମରେ ପଟ୍ଟା ହୋଇଥିବା ଜଣାପଡ଼ିଥିଲା। ଏହି ଘଟଣା ପରେ ବଂଶୀଧରଙ୍କୁ ସମାଜର କର୍ମକର୍ତ୍ତା ରବିବାର ଅନୁଷ୍ଠିତ ଏକ ବୈଠକରେ ଡକାଯାଇ ଭୁଲ୍‌ବଶତଃ କରାଯାଇଥିବା ପଟ୍ଟାକୁ ପରିବର୍ତ୍ତନକରି କବୀର ଧର୍ମପୀଠ ନାମରେ କରିବା ନେଇ ଅନୁରୋଧ କରିଥିଲେ। କିନ୍ତୁ ବଂଶୀଧର ସେଥିରେ ରାଜି ହୋଇ ନ ଥିଲେ । ଏହାପରେ ସମାଜର କର୍ମକର୍ତ୍ତାମାନେ ଥାନାରେ ଲିଖିତ ଅଭିଯୋଗ କରିବା ସହ ତହସିଲଦାରଙ୍କୁ ଅଭିଯୋଗପତ୍ର ଦେଇଥିଲେ। ଏହି ଅବସରରେ ସମାଜର ମନସାଇ ପନକା, ନୀଳାମ୍ବର ପନକା, ଶଙ୍କରଦାସ ପନକା, ପିଲାବାବୁ ପନକା, ନଅଲୁ ପନକା, ବଳରାମ ପନକା, ସଂପ୍ର ପନକା, ପୀତାମ୍ବର ପନକା, ରମେଶ ପନକା, ପୂର୍ଣ୍ଣ ପନକା, ପ୍ରଫୁଲ୍ଲ କୁମାର ନାୟକ, ବିହାରୀ ପନକା, ବେଣୁଧର ପନକା, ନାରାୟଣ ପନକା ପ୍ରମୁଖ ଉପସ୍ଥିତ ଥିଲେ।



ତହସିଲଦାରଙ୍କୁ ଅଭିଯୋଗ କରିବାକୁ ଆସିଥିବା ପନକା ସମାଜ କର୍ମକର୍ତ୍ତା।

## ସଂକ୍ଷେପରେ

### ଚାଟୁଆ ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣି

ନନ୍ଦପୁର,୧୭।୪(ଡି.ଏନ୍.ଏ.)- କୋରାପୁଟ ଜିଲା ନନ୍ଦପୁର ବ୍ଲକ ଚାଟୁଆ ପଞ୍ଚାୟତରେ ସୋମବାର ଜନ ଅଭିଯୋଗ ଶିବିର ବିଡିଓ ସୁଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ୧୧ଟି ଲିଖିତ ସମସ୍ୟାର ଅଭିଯୋଗ ପତ୍ରଗୁଡ଼ିକୁ ପଞ୍ଜୀକୃତ କରାଯାଇଛି। ଏହାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ନିର୍ଦ୍ଦେଶ ମୁତାବକ ସମାଧାନ କରାଯିବ ବୋଲି ବିଡିଓ ମିଶ୍ର ସୂଚନା ଦେଇଛନ୍ତି। ଶିବିରକୁ ଏସସିଓ ଅର୍ଜୁନ ମାଝୀ ପରିଚାଳନା କରିଥିଲେ। ଏଥିରେ ତହସିଲଦାର ନରସିଂହ ଗାଦବା, ସହକାରୀ ନିର୍ବାହୀ ଯନ୍ତ୍ରୀ ଜସ କେତନ ବେହେରା, ଜିପିଇଓ ବେଦାନ୍ତ ମାଝୀ, ମିଶନ ଶକ୍ତି ବିପିସି ଶ୍ରୀଧର ଜାନି, ସରପଞ୍ଚ ମଣିମା ହନ୍ତାଳ, ୱାର୍ଡସଭ୍ୟ, ସମିତି ସଭ୍ୟ କୃଷ୍ଣ ପାଙ୍ଗି, ଆଶା, ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ବ୍ଲକରେ କାର୍ଯ୍ୟରତ ସମସ୍ତ ସହଯୋଗୀ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା।

### ଚିତ୍ରକୋଣ୍ଡାରେ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ

ଚିତ୍ରକୋଣ୍ଡା,୧୭।୪(ଡି.ଏନ୍.ଏ.)-ମାଲକାନଗିରି ଜିଲା ଚିତ୍ରକୋଣ୍ଡାସ୍ଥିତ ମିନି ଷ୍ଟାଡିୟମ ପରିସରରେ ସ୍ପୋର୍ଟ୍ସ କ୍ଲବ ବୈଠକ ଗୃହରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। କ୍ଲବ ସଭାପତି ଦେବେନ୍ଦ୍ର ଦାସଙ୍କ ନେତୃତ୍ୱରେ ଅବଜରଭର ବିଜିତ ସିଙ୍ଘ, ଯୁବ ସଭାପତି ରାଜକମଳ ପୁରୋହିତ, ଚିତ୍ରକୋଣ୍ଡା ପ୍ରତିନିଧି ଅମିତ କୁମାର ଅଗ୍ରୱାଲ, ଚିତ୍ରକୋଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି କମଲୁ ହନ୍ତାଳ, ବରିଷ୍ଠ ବିଜେଡି କର୍ମୀ ଶିବ ପ୍ରସାଦ ଖରା, ପୀତାମ୍ବର ଖେମୁଡୁ ଓ ରଘୁ ଖରା ଏଥିରେ ସହଯୋଗ କରିଥିଲେ। ଏଥିରେ ବିଜୁ ବାବୁଙ୍କ ଜୀବନୀ ଉପରେ ଆଲୋଚନା ହୋଇଥିଲା।

### ବିଜୁ ପଟ୍ଟନାୟକ ଶ୍ରାଦ୍ଧ ଦିବସ

ଜୟପୁର,୧୭।୪(ନି.ପ୍ର.)- ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଜୟପୁର ସଙ୍ଗମ କଲ୍ୟାଣ ମଣ୍ଡପରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ନଗର ସଭାପତି ହର ମିଶ୍ରଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ସୁବାସ ରାଉତ, ରମା କାନ୍ତ ରାଉଳ, ଅନୁପ ପାତ୍ର, କୁନି ଅଧୀକାରୀ, ପୌର ଉପାଧକ୍ଷ ବ.ସୁନିତା, ଇନ୍ଦିରା ନନ୍ଦ, ରବି ଚୈଧୁରୀ, ବିରେନ୍ଦ୍ର ସାଗର ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ଜୀବନି ଓ ଅବଦାନ ଉପରେ କହିଥିଲେ।

### ଜୟପୁର ପୌରପରିଷଦର ସାଧାରଣ ବୈଠକ

ଜୟପୁର,୧୭।୪(ନି.ପ୍ର.)-ଜୟପୁର ପୌର ସଭା ଗୃହରେ ପୌର ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଜୟପୁର ପୌରଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତିଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକରେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲକା, ବିଧାୟକ ତାରାପ୍ରସାଦ ବାହିନୀପତି, ଉପାଧକ୍ଷ ବି. ସୁନିତା, ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସହ କାଉନସିଲରମାନେ ଉପସ୍ଥିତ ଥିଲେ। ବୈଠକରେ ୧୦୭ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟଟ୍ରାଫିକ ଛକରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଓ ପାରାବେଡାରେ ଆମ୍ବେଡ୍କରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିଷ୍ପତ୍ତି ହୋଇଛି। ସହରର ପୁରୁଣା ଟାଉନ ପ୍ଲାନିଙ୍ଗ ଗଳିର ନାମ ପରିବର୍ତ୍ତନ କରି ରାଧା କୃଷ୍ଣ ବିଶ୍ୱାସ ରାୟ ମାର୍ଗ ଏବଂ କାଉଡମ୍ଭ ସାହିର ନାମ ପରିବର୍ତ୍ତନ କରି ଆମ୍ବେଡକର ନଗର କରାଯାଇଛି। ଜୟନଗରସ୍ଥିତ ଏମ୍ୟୁଜମେଣ୍ଟ ପାର୍କରେ ଏକ ମିଶନ ଶକ୍ତି କାଫେ ନିର୍ମାଣ କରିବା, ଘରୋଇ ବସଷ୍ଟାଣ୍ଡର ସୌନ୍ଦର୍ଯ୍ୟକରଣ ଓ ଭିତ୍ତିଭୂମି ପାଇଁ ପଦକ୍ଷେପ ନିଆଯିବ। ବର୍ଷାଦିନ ପୂର୍ବରୁ ତଳି ଅଞ୍ଚଳ ଭିତ୍ତି ଭୂମିର ବିକାଶ, ଡ୍ରେନ ସଫା କରିବା ସହ ବିଦ୍ୟାଳୟଗୁଡ଼ିକରେ ଶୌଚାଳୟ ପାଇଁ ବ୍ୟବସ୍ଥା କରାଯିବ। ପାନୀୟ ଜଳ ବ୍ୟବସ୍ଥା, ଗୋଷ୍ଠୀ ଶୌଚାଳୟ ମରାମତି କରିବା, ପୌର ସଂସ୍ଥା ଉଡ଼ାଜାହାଜ ପଡ଼ିଆ, ଜିଲା ମୁଖ୍ୟ ଚିକିତ୍ସାଳୟ, ବାରିଣୀପୁଟ ଯାଏ ମୌଳିକ ସୁବିଧା ଯୋଗାଇବା ପାଇଁ ପୂର୍ବକୁ ବାରିଣୀପୁଟ, ଦକ୍ଷିଣକୁ ଉମୁରି, ଉତ୍ତରକୁ ଟାଙ୍ଗୁଆ ଓ ପଶ୍ଚିମକୁ କୁନ୍ତରଖାଲ ଯାଏ ପରିସୀମା ବୃଦ୍ଧି କରିବାକୁ ଜିଲାପାଳଙ୍କ ଜରିଆରେ ସରକାରଙ୍କୁ ପ୍ରସ୍ତାବ ପଠାଇବା ପାଇଁ ନିଷ୍ପତ୍ତି ହୋଇଛି।

# କାଳବୈଶାଖୀ ତାଣ୍ଡବ, ଉଡ଼ିଲା ୧୦ରୁ ଉର୍ଦ୍ଧ୍ୱ ଘର ଛପର

କୋରାପୁଟ /ନାରାୟଣପାଟଣା, ୧୭।୪(ସ୍ୱ.ପ୍ର./ଡି.ଏନ.ଏ.)


କାଳବୈଶାଖୀରେ ଉଜିଯାଇଥିବା ଘରର ଛପର ।

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ବାଲିପେଟା ପଚାୟତ ଅନ୍ତର୍ଗତ ପାନାବାଡି ନିଉ କଲୋନି ଓ ଡିମ୍ବୁଗୁଡାରେ ସୋମବାର କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ସନ୍ଧ୍ୟାରେ ହଠାତ ପାଗ ପରିବର୍ତ୍ତନ ହୋଇ ଜୋରରେ ଘଡଘଡି ସହ ବର୍ଷା ପବନ ହୋଇ କାଳବୈଶାଖୀର ରୂପ ନେଇଥିଲା। ଫଳରେ ଉଭୟ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ୧୦ରୁ ଉର୍ଦ୍ଧ୍ୱ ଘର ଛପର ନଷ୍ଟ ହେବା ସହ ଅନେକ ଘର ଭାଙ୍ଗିଛି। ପାନାବାଡି ନିଉକଲୋନି ଓ ଡିମ୍ବୁଗୁଡା ଗ୍ରାମର ହିନ୍ଦୁ ମାଣ୍ଡିଙ୍ଗି, ଉଜେ ଶିରିକା, ସିଙ୍ଗାନା ବାଡେକା, ରାଜୁ ବାଡେକା, ସିଡେୟା ମାଣ୍ଡିଙ୍ଗି, ଶିବାଜୀ ବାଡେକା, ଉଦୟ ଶିରିକା, ଲିଙ୍ଗାମା ବାଡେକା, ପାନାବାଡି ନିକଟସ୍ଥ ତାଡିଙ୍ଗିବାଲସା ସାହିର ସଦବ ମାଣ୍ଡିଙ୍ଗି,ସନ୍ଦିପ ପ୍ରାସ୍କା ,ନାରୀ ତାଡିଙ୍ଗି, କାଡୁ ତାଡିଙ୍ଗି, ରାଜନ ତାଡିଙ୍ଗି, ରାଜୁ ବାଡେକାଙ୍କ ମାଟି ଘରର ଆଜବେଷ୍ଟ ଛପର ଉଡିଯାଇ ସେମାନଙ୍କ ବହୁ ଆସବାବପତ୍ର ନଷ୍ଟ ହେଇଛି। ଘର ଭିତରେ ବର୍ଷା ପାଣି ପଡି ବ୍ୟବହୃତ ସାମଗ୍ରୀ ପାଣିରେ ଭିଜି ନଷ୍ଟ ହେଇଥିବା ଦେଖିବାକୁ ମିଳିଛି। ବିଦ୍ୟୁତ୍ କଟିଯାଇଥିବାରୁ ସମ୍ପୂର୍ଣ୍ଣ ଗ୍ରାମ ଅନ୍ଧାରରେ ରହିଛି। ମଙ୍ଗଳବାର ପ୍ରଶାସନ ପକ୍ଷରୁ ତଥ୍ୟ ସଂଗ୍ରହ କରାଯିବାକୁ ସ୍ଥିର ହୋଇଛି। ଖବର ପାଇ ସ୍ଥାନୀୟ ସରପଞ୍ଚ ଚୁନି କୁଲସିକା ଗ୍ରାମରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଛନ୍ତି। କ୍ଷତିଗ୍ରସ୍ତ ପରିବାର ରାତିରେ ପଡୋଶୀ ଘରେ ଆଶ୍ରୟ ନେଇଥିବା ଜଣାପଡିଛି। ପ୍ରଶାସନ ତୁରନ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ନାରାୟଣପାଟଣା ତହସିଲଦାର ଯଦୁମଣି ନାୟକ ଏବଂ ବିଡ଼ିଓ ଅଶ୍ୱିନୀ ମହାପାତ୍ରଙ୍କ ନିର୍ଦ୍ଦେଶରେ ବାଲିପେଟା ପଞ୍ଚାୟତର ପାନାବାଡି ୱାର୍ଡର ୩ଟି ଗ୍ରାମରେ ଏକ ସରକାରୀ ଟିମ୍ ପହଞ୍ଚିଛନ୍ତି। ପିଇଓ ମୁରଲୀଧର ଶାରକା, ସରପଞ୍ଚ କୁଲସିକା, ୱାର୍ଡମେମ୍ବର ସୋମଲା ଶିରିକା ଏବଂ ଆରଆଇ କୁଲସିକା ବାବୁ ଗ୍ରାମକୁ ଯାଇ କ୍ଷତିଗ୍ରସ୍ତ ପରିବାରଙ୍କୁ ଖୁବ୍‌ଶୀଘ୍ର ସହାୟତା ଯୋଗାଇ ଦେବା ନେଇ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ମିଳିତ କ୍ରିୟାନୁଷ୍ଠାନ କମିଟି ଦେଲା ଶିଳ୍ପମନ୍ତ୍ରୀଙ୍କୁ ଦାବିପତ୍ର

ଜୟପୁର,୧୭।୪ (ନି.ପ୍ର. )

**ସେବା କାଗଜକଳ ଶ୍ରମିକ ସଂଘ**

ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ତାଙ୍କର ଭୁବନେଶ୍ୱରସ୍ଥିତ ବାସଭବନ କାର୍ଯ୍ୟାଳୟରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନଗୋଙ୍କ ନେତୃତ୍ୱରେ କାଗଜ କଳ ଶ୍ରମିକ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ଦଳ ଦାବିପତ୍ର ଦେଇଛନ୍ତି। କାଗଜକଳକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଇବା ଏବଂ ଶ୍ରମିକମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବା ସମ୍ପର୍କରେ ପ୍ରତିନିଧି ଦଳ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। କାରଖାନାର ବର୍ତ୍ତମାନର ସ୍ଥିତି ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ ରହିଛି। ୨୦୨୦ରୁ ଏହି କାଗଜକଳକୁ ଚଳାଇବା ପାଇଁ ମଦର ଆର୍ଥ କମ୍ପାନୀ ହାତକୁ ନେଇ ପୁନରୁଦ୍ଧାର ଲାଗି ୧୫୦ କୋଟି ଟଙ୍କା ଋଣ କରିଛି। ଏ ସତ୍ତ୍ୱେ କାଗଜକଳକୁ ଏଯାଏ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିପାରିନାହିଁ। ଋଣ ଅର୍ଥରୁ କମ୍ପାନୀ ପୁରୁଣା ମାଲିକ ଗୌତମ ଥାପରଙ୍କୁ ୧୦୦ କୋଟି ଟଙ୍କା ଦେଇଛି। କାଠ, କୋଇଲା, କେମିକାଲ ଓ ସ୍ପେୟାର୍ ପାର୍ଟ୍ସ ଅଭାବରୁ ଅଧିକାଂଶ ଦିନ କାରଖାନା ବନ୍ଦ ରହୁଥିବା ଦାବିପତ୍ରରେ କୁହାଯାଇଛି। ଆଲୋଚନା ବେଳେ ସମସ୍ୟାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ଶ୍ରମିକ ନେତା ପ୍ରମୋଦ ମହାନ୍ତି ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଆଲୋଚନା ପରେ ମନ୍ତ୍ରୀ ଦେବ ଇପିକଲ ଏମଡିଙ୍କୁ ଜୟପୁର କାଗଜକଳ କେଉଁ କାରଣରୁ ପୂର୍ଣ୍ଣ କ୍ଷମତାରେ ଚାଲୁନି ତା'ର ତଦନ୍ତ କରି ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ଇପିକଲ ଏମଡିଙ୍କୁ ମଧ୍ୟ ମିଳିତ କ୍ରିୟାନୁଷ୍ଠାନ କମିଟି ଦାବିପତ୍ର ପ୍ରଦାନ କରିଛି । ମନ୍ତ୍ରୀଙ୍କ ସହ ଆଲୋଚନା ବେଳେ ନାରାୟଣ ଦାଶ, ପ୍ରମୋଦ ତିୱାରୀ, ଅଲେଖ ପାତ୍ର ଓ ଗୋକୁଳ ଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ।

# ଓଡ଼ିଶା ବିକାଶ, ଶିଳ୍ପାୟନରେ ବିଜୁବାବୁଙ୍କ ଅବଦାନ ଥିଲା ଅତୁଳନୀୟ

ଦାମନଯୋଡ଼ି,୧୭।୪(ଡି.ଏନ.ଏ.)


ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ନାଲ୍‌କୋ ଅଧିକାରୀମାନେ।

**ନାଲ୍‌କୋରେ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ମହାନ୍ ଜନନାୟକ ତଥା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ସୋମବାର ଦାମନଯୋଡିସ୍ଥିତ ନାଲକୋ ପ୍ରକଳ୍ପ ପକ୍ଷରୁ ପାଳିତ ହୋଇଯାଇଛି। ସେକ୍ଟର-୧ସ୍ଥିତ ବିଜୁ ପଟ୍ଟନାୟକ ଛକରେ ଥିବା ପ୍ରତିମୂର୍ତ୍ତିରେ ନାଲ୍‌କୋର ବରିଷ୍ଠ ଅଧିକାରୀ, କର୍ମଚାରୀ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ ପାଢ଼ୀ ମୁଖ୍ୟଅତିଥି ରୂପେ ଯୋଗଦେଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଓଡ଼ିଆ ମାଟିର ଏହି କୃତୀ ସନ୍ତାନଙ୍କ ସାରା ଜୀବନ ଜନସେବାରେ ଉତ୍ସର୍ଗୀକୃତ ଥିଲା ବୋଲି କହିଥିଲେ। ଓଡ଼ିଶା ବିକାଶ ତଥା ଶିଳ୍ପାୟନରେ ବିଜୁବାବୁଙ୍କ ଅବଦାନ ଅତୁଳନୀୟ। ସେ ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇଥିଲେ ବୋଲି ପାଢ଼ୀ ମତବ୍ୟକ୍ତ କରିଥିଲେ। ସମୂହ ମହାପ୍ରବନ୍ଧକ ରସିଦ ୱାରିସ, ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ନୀହାର ରଞ୍ଜନ ମହାନ୍ତି, ହରପ୍ରସାଦ ଦାଶ, ଅମରେନ୍ଦ୍ର ମିଶ୍ର ଓ ସୁରେଶ ଚନ୍ଦ୍ର ସାମଲଙ୍କ ସମେତ ବିଭିନ୍ନ ଶ୍ରମିକ ସଂଗଠନ, ୟୁନିୟନ ଓ ଆସୋସିଏଶନ କର୍ମକର୍ତ୍ତା ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଉପ ପ୍ରବନ୍ଧକ ଅରୁଣ ମହାନ୍ତି ମଞ୍ଚ ସଂଯୋଜନା କରିଥିଲେ। ୱେଲଫେୟାର କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ କମିଟି ସଦସ୍ୟମାନେ ପରିଚାଳନା କରିଥିଲେ।

# ନିୟନ୍ତ୍ରଣରେ ରହୁନି ବିଦେଶୀ ମଦ ଦର
## ନୀରବଦ୍ରଷ୍ଟା ସାଜିଛି ଅବକାରୀ ବିଭାଗ

ବାଲିମେଳା,୧୭।୪(ଡି.ଏନ.ଏ.)

ମାଲକାନଗିରି ଜିଲାର ବାଲିମେଳା ଓ କୋରୁକୋଣ୍ଡାଠାରେ ଥିବା ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରେ ଅବକାରୀ ନିୟମର ଉଲ୍ଲଂଘନ ହେଉଥିବା ଅଭିଯୋଗ ହେଉଛି। ମଦରେ ଲେଖା ଥିବା ଧାର୍ଯ୍ୟ ଦରଠାରୁ ଅଧିକ ଟଙ୍କାରେ ବିକ୍ରି ହେଉଛି। ଏକ ଫଳକରେ ଦର ସମ୍ପର୍କିତ ଆବଶ୍ୟକୀୟ ସୂଚନା ଦେବା ନିୟମ ଥିବା ବେଳେ ତାହା ଉଲ୍ଲେଖ କରାଯାଉନି। ବାଲିମେଳାରେ ଏକ ସରକାରୀ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଏବଂ କୋରୁକୋଣ୍ଡାରେ ଏକ ବାର୍ ରହିଛି। ଉଭୟ ଦୋକାନରେ ମଦ ବୋତଲ ଉପରେ ପ୍ରିଣ୍ଟ ଥିବା ମୂଲ୍ୟଠାରୁ ପ୍ରାୟ ୨୦ଟଙ୍କାରୁ ଆରମ୍ଭ କରି ୪୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଦର ନିଆଯାଉଛି। ବାଲିମେଳାର ସ୍ୱର୍ଗଦ୍ୱାରଠାରୁ ପ୍ରାୟ ୫୦୦ ଶହ ମିଟର ଦୂରରେ ଥିବା ଦେଶୀ ମଦ ଦୋକାନରେ ଦର ତାଲିକା ରଖାଯାଇଥିଲେ ମଧ୍ୟ ଏହା ଲୋକଙ୍କ ଦୃଷ୍ଟି ନ ପଡିବା ଭଳି ଉକ୍ତ ଦୋକାନ ଘର ଭିତରେ ଗୋଟିଏ ପାର୍ଶ୍ୱକୁ ମରାଯାଇଛି। ଏସବୁ ଅବକାରୀ ବିଭାଗ ଜାଣି ନୀରବ ରହୁଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। କୋରୁକୋଣ୍ଡା ବ୍ଲକର ବିଭିନ୍ନ ଗ୍ରାମରେ ଦେଶୀ ଓ ବିଦେଶୀ ମଦର ଅବାଧ କାରବାର ମଧ୍ୟ ଦିନକୁ ଦିନ ବଢ଼ିଚାଲିଛି । ଏ ସମ୍ପର୍କରେ ବାଲମେଳା ଅବକାରୀ ଥାନା ଅଧିକାରୀ ଦୀପକ ସାହୁଙ୍କୁ ପଚାରିବାରୁ ସେ କହିଲେ, ତୁରନ୍ତ ଏହାର ତଦନ୍ତ କରାଯିବ । ବେଆଇନ ଭାବେ ବିକ୍ରି ହେଉଥିବା ମଦ ଦୋକାନଗୁଡିକ ଉପରେ ଚଢ଼ାଉ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଭିନ୍ନକ୍ଷମ ହୋଇ ହାର୍ ମାନିନାହାନ୍ତି ରଘୁ

ଚିତ୍ରକୋଣ୍ଡା,୧୭।୪(ଡି.ଏନ.ଏ.)

**ସରକାରୀ ସହାୟତା ଯୋଗାଇ ଦେବାକୁ ହେଉଛି ଦାବି**


ରଘୁନାଥ ଖରା ।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଚିତ୍ରକୋଣ୍ଡା ପଞ୍ଚାୟତର ରାଜାଲକୋଣ୍ଡା ଗ୍ରାମର ରଘୁନାଥ ଖରା(୩୮)। ସ୍ତ୍ରୀ ଦଇମତି ଓ ୪ ଝିଅଙ୍କୁ ନେଇ ତାଙ୍କ ପରିବାର। ହସଖୁସିରେ ପରିବାର ଚଳୁଥିବା ବେଳେ ତାଙ୍କ ପରିବାରକୁ ମାଡି ଆସିଥିଲା ଦୁଃଖ। ହସ ଏକ ଦୁର୍ଘଟଣାରେ ତାଙ୍କ ଗୋଡ଼ ଭାଙ୍ଗିଯାଇ ସେ ପାଲଟିଗଲେ ଭିନ୍ନକ୍ଷମ। ସରକାରଙ୍କ ଠାରୁ କେବଳ ଭିନ୍ନକ୍ଷମ ଭତ୍ତା ପାଉଥିବା ବେଳେ ରଘୁ ଆଉ କିଛି ସହାୟତା ପାଇନାହାନ୍ତି। ସ୍ତ୍ରୀ କୁଲି କାମ କରି ପରିବାର ଚଳାନ୍ତି। ଭିନ୍ନକ୍ଷମ ହୋଇ ଘରେ ରହୁଥିବା ରଘୁ ଶେଷରେ ପଦାକୁ ବାହାରିଲେ। ପୂର୍ବରୁ ତାଙ୍କୁ ଜଣାଥିବା ଅଳ୍ପ ଟେଲରିଂ ରଘୁଙ୍କୁ ସହାୟ ହେଲା। ସେ ଚିତ୍ରକୋଣ୍ଡା ଦୈନିକ ମାର୍କେଟରେ ଥିବା ପାଳ ଟେଲରିଂ ଦୋକାନରେ ଆସି କାମ କଲେ। ଏବେ ସେ ଏଥିରୁ ପାଉଥିବା ଅର୍ଥ ତାଙ୍କ ପରିବାର ଚଳିବାରେ କିଛିମାତ୍ରାରେ ସହାୟକ ହେଉଛି। ଜିଲା ପ୍ରଶାସନ ତାଙ୍କ ପରିବାରକୁ ଅଧିକ ସହାୟତା ଯୋଗାଇ ଦେବାକୁ ରଘୁ ନିବେଦନ କରିଛନ୍ତି।

# ବିଜେଡିର ସାଙ୍ଗଠନିକ ବୈଠକ

ମାଥିଲି,୧୭।୪(ଡି.ଏନ୍.ଏ.)

ଆଗାମୀଦିନରେ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ କିପରି ରଣନୀତି ପ୍ରସ୍ତୁତ କରିବ ଏବଂ ତୃଣମୂଳ ସ୍ତରରୁ ସଶକ୍ତ ହେବ ସେନେଇ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବା ପାଇଁ ମାଥିଲିସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଏଥିରେ ସଭାପତିତ୍ୱ କରିଥିଲେ।


ବୈଠକରେ ଉପସ୍ଥିତ ନେତୃବୃନ୍ଦ ଆଲୋଚନା କରୁଛନ୍ତି ।

ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା ସଭା ନେତୃତ୍ୱ ନେଇଥିଲେ। ବିଜେଡି କିପରି ଲୋକଙ୍କ ସହ ଜଡ଼ିତ ହୋଇ ରହିବ ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ ସରକାରଙ୍କ ସବୁ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚିପାରୁଛି କି ନାହିଁ ଜନ ପ୍ରତିନିଧିମାନେ ସମୀକ୍ଷା କରିବାକୁ କୁହାଯାଇଛି। ଏଥିସହ ପ୍ରତ୍ୟେକ ପଞ୍ଚାୟତର ବିଜୁ ଜନତା ଦଳର କର୍ମୀ, ଯୁବ ଛାତ୍ର ଓ ମହିଳାଙ୍କୁ ନେଇ ସଙ୍ଗଠନ କିପରି ଆହୁରି ମଜଭୁତ କରି ହେବ ସେହି ଉପରେ ଆଲୋଚନା ହୋଇଥିଲା। ଏହିଅବସରରେ ନିର୍ବାଚନ ମଣ୍ଡଳୀର ଜନ ପ୍ରତିନିଧି, ସାଙ୍ଗଠନିକ ପଦବୀରେ ଥିବା ବରିଷ୍ଠ, ମହିଳା, ଯୁବ ଓ ଛାତ୍ର ନେତୃବୃନ୍ଦ ଏବଂ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଉପସ୍ଥିତ ରହି ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରିଥିଲେ।

# ଲିଙ୍କ୍ ଫେଲ୍ ଆଳରେ ପୋଷ୍ଟ ଅଫିସରେ କାମ କରୁନାହାନ୍ତି ପୋଷ୍ଟମାଷ୍ଟର


ଭତ୍ତା ନେବାକୁ ଆସି ଲିଙ୍କ୍ ନ ଥିବା ଶୁଣି ଅପେକ୍ଷା କରିଥିବା ହିତାଧିକାରୀ।

ନାରାୟଣପାଟଣା, ୧୭।୪(ଡି.ଏନ.ଏ. )

କୋରାପୁଟ ଜିଲା ନାରାୟଣପାଟଣା ପୋଷ୍ଟ ଅଫିସର କାର୍ଯ୍ୟକଳାପରେ ଲୋକେ ଅସନ୍ତୁଷ୍ଟ ହେଉଥିବା ଅଭିଯୋଗ ହେଉଛି। ଏହି ପୋଷ୍ଟ ଅଫିସରେ କେବେ ଲିଙ୍କ ନାହିଁ ତ କେବେ ପୋଷ୍ଟ ମାଷ୍ଟର ନଥାନ୍ତି। ପୋଷ୍ଟ ମାଷ୍ଟର ରହୁ ନ ଥିବାରୁ ପୋଷ୍ଟ ଅଫିସ ପ୍ରାୟ ଅଧିକାଂଶ ଦିନ ବନ୍ଦ ରହୁଥିବା ଦେଖିବାକୁ ମିଳୁଛି। ଏନେଇ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କିଏ ମେଡିକାଲ କାମ ପାଇଁ ଟଙ୍କା ଉଠାଇ ବାକୁ ଆସି ନିରାଶ ହେଉଛନ୍ତି। ସେହିପରି କେହି ପୋଷ୍ଟାଲ ଆଇପିଓ କରିବାକୁ ତ କେହି ସ୍ପିଡ ପୋଷ୍ଟ କରିବାକୁ ଆସି ହତାଶ ହେଉଛନ୍ତି। ପୋଷ୍ଟ ଅଫିସ ଖୋଲା ଥିଲେ ମଧ୍ୟ ଲୋକେ ସେବା ପାଉନାହାନ୍ତି। ଲିଙ୍କ ଫେଲ ବୋର୍ଡ ଲଗାଇ ପୋଷ୍ଟମାଷ୍ଟର ବସି ଯାଉଛନ୍ତି। ଜରୁରୀ ସମୟରେ ପୋଷ୍ଟ ଅଫିସରେ ଥିବା ଜମାଖାତାରୁ ଟଙ୍କା ଉଠାଇ ପାରୁ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଆରଡ଼ି ଆକାଉଣ୍ଟରେ ଟଙ୍କା ବାନ୍ଧିବାକୁ ଯାଇ ମଧ୍ୟ ଜମାକାରୀ ହଇରାଣ ହେଉଛନ୍ତି। ବୃଦ୍ଧାବୃଦ୍ଧମାନେ ଭତ୍ତା ଟଙ୍କା ଉଠାଇବାକୁ ଅଟୋ ଭଡା କରି ଆସି ମଧ୍ୟ ନିରାଶ ହେଉଛନ୍ତି। ସେମାନଙ୍କୁ ମଧ୍ୟ ପୋଷ୍ଟମାଷ୍ଟର ଲିଙ୍କ ନ ଥିବା କହି ଫେରାଇ ଦେଉଛନ୍ତି। ତୁରନ୍ତ ସମ୍ପୃକ୍ତ ପୋଷ୍ଟମାଷ୍ଟରଙ୍କୁ ଏଠାରୁ ବଦଳି କରିବାକୁ ପ୍ରଶାସନଦୃଷ୍ଟି ଦେବାକୁ ଦାବି ହେଉଛି।

# ମାଲକାନଗିରି ଜିଲା ବିଜେଡି ପକ୍ଷରୁ ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ

ମାଲକାନଗିରି,୧୭।୪(ଡି.ଏନ.ଏ.)


ଦଳୀୟ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

ମାଲକାନଗିରି ଜିଲା ବିଜେଡି ପକ୍ଷରୁ ସୋମବାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଛି। ଜିଲାପାଳଙ୍କ କାର୍ଯାଳୟ ସମ୍ମୁଖରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଦଳ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତିଳତର୍ପଣ କରାଯାଇଥିଲା। ଓଡ଼ିଶା ପ୍ରତି ବିଜୁବାବୁଙ୍କ ଅବଦାନ ନେଇ ଉପସ୍ଥିତ ନେତୃବୃନ୍ଦ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଜିଲା ବିଜେଡି ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ରାଜ୍ୟ ଏସ୍‌ଡିସି ଉପଦେଷ୍ଟା ପ୍ରଦୀପ ମାଝି, ଜିଲା ଏସଡିସି ଅଧକ୍ଷ ଆଡମା ରାବା, ପୂର୍ବତନ ବିଧାୟକ ମାନସ ମାଡକାମୀ, ଜିଲା ପରିଷଦ ଅଧକ୍ଷା ସାମାରି ଟାଙ୍ଗୁଲ, ପୌର ଅଧକ୍ଷ ମନୋଜ ବାରିକ, ବିଏଲକେ ଅଧକ୍ଷ ଗୌରି ପଡିଆମୀ, ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା, ନୃସିଂହ ଚରଣ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଚିତ୍ରକୋଣ୍ଡାରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଚିତ୍ରକୋଣ୍ଡା,୧୭।୪( ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ନୂଆଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାରଠାରୁ ୨ ଦିନ ଧରି ମିତଲ ନିପଲ ଷ୍ଟିଲ ଇଣ୍ଡିଆ ଲିମିଟେଡ କମ୍ପାନୀ ଆନୁକୂଲ୍ୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଆନ୍ଧ୍ର ପ୍ରଦେଶ ବିଶାଖାପାଟଣା ଶଙ୍କର ଫାଉଣ୍ଡେଶନର ଅଭିଜ୍ଞ ଡାକ୍ତର ଏବଂ ସହ କର୍ମଚାରୀମାନେ ଉପସ୍ଥିତ ରହି ମାଗଣା ଚକ୍ଷୁ ଚିକିତ୍ସା ସେବା ପ୍ରଦାନ କରିଛନ୍ତି । ପ୍ରଥମ ଦିନରେ ୨୦୦ରୁ ଉର୍ଦ୍ଧ୍ୱ ରୋଗୀ ଚକ୍ଷୁ ପରୀକ୍ଷା ସହ ପରାମର୍ଶ ଏବଂ ମାଗଣାରେ ଔଷଧ ଓ ଚଷମା ନେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ନୂଆଗୁଡ଼ା ସରପଞ୍ଚ ଶଶୀ ଖିଲ ଏବଂ ସାମାଜିକ କର୍ମୀ ଦୁର୍ଲଭ ଖିଲ ସହଯୋଗ କରିଥିଲେ । ଆସନ୍ତା ୧୮ ଏବଂ ୧୯ରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ନିକଟ ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ କମ୍ପାନୀ ର ପୁରୁଣା ଗେଷ୍ଟ ହାଉସ ପରିସରରେ ଏବଂ ଆଗାମୀ ୨୦ ଏବଂ ୨୧ ତାରିଖରେ ବଡ଼ପଦର ପଞ୍ଚାୟତସ୍ଥିତ ସାରିଆପାଲି ହାଇସ୍କୁଲ ପରିସରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।




# ନିର୍ମାଣରେ ବିଳମ୍ବ ହେଉଛି ଜଟିଆଗୁଡ଼ା କେନାଲ ପୋଲ କାର୍ଯ୍ୟ

ଦଶମନ୍ତପୁର,୧୭।୪( ଡି.ଏନ.ଏ.)

୪ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ହେବ ୨୦୧୯ରୁ ମୁରାନ ଡ୍ୟାମ୍‌ର ଜଟିଆଗୁଡ଼ା କେନାଲରେ ଏକ ସ୍ଥାୟୀ ପୋଲ ନିର୍ମାଣ କରାଯିବ। ଏହାଦ୍ୱାରା ୩ ଜିଲାର ଜିଲାବାସୀ ଯାତାୟାତ କରିବାରେ ଉପକୃତ ହେବେ ବୋଲି ସରକାର ଅନେକ ଥର ପ୍ରତିଶ୍ରୁତି ଦେଇ ଆସିଛନ୍ତି। ମାତ୍ର ଏଯାଏ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟିଥିବା କୋରାପୁଟ ଜିଲା ଦଶମନ୍ତପୁର ଅଞ୍ଚଳରେ ଆଲୋଚନା ହେଉଛି।

ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଦୁଆରଶୁଣୀ ପଞ୍ଚାୟତରେ ଥିବା ମୁରାନ ଡ୍ୟାମ୍‌ର ଜଟିଆଗୁଡା କେନାଲ ଉପରେ ୩ ଜିଲା କୋରାପୁଟ, ରାୟଗଡ଼ା ଓ ନବରଙ୍ଗପୁର ଜିଲାବାସୀ ନିର୍ଭର କରିଥାନ୍ତି। ପ୍ରାୟ ୫୦ ଫୁଟ୍ ଓସାର ବିଶିଷ୍ଟ ଏହି କେନାଲରେ ଜୀବନକୁ ବାଜି ଲଗାଇ ଜିଲାବାସୀ ଭଙ୍ଗା ଦଦରା ଡଙ୍ଗାରେ ବିପଦସଙ୍କୁଳ ଅବସ୍ଥାରେ ପାରି ହୋଇ ଯାତାୟାତ କରୁଛନ୍ତି। ଦୁଆରଶୁଣୀ ପଞ୍ଚାୟତର ଅନେକ ଗ୍ରାମର ଗ୍ରାମବାସୀ ମଧ୍ୟ ବିଭିନ୍ନ କାର୍ଯ୍ୟରେ ନିଜ ପଞ୍ଚାୟତ ଏବଂ ବ୍ଲକ କାର୍ଯ୍ୟାଳୟ, ଚିକିତ୍ସାଳୟ, ବ୍ୟାଙ୍କ ସେବା, ରାଶନ ଚାଉଳ ଏବଂ ଭତ୍ତା ଟଙ୍କା ଆଣିବା ପାଇଁ ପ୍ରତ୍ୟହ ବହୁ ସଂଖ୍ୟାର ଗ୍ରାମବାସୀ କେନାଲ ପାରି ହୋଇ ଯାତାୟାତ କରିଥାନ୍ତି। ବିଭିନ୍ନ ସମୟରେ କେନାଲ ପାର ହେବା ବେଳେ ଦୁର୍ଘଟଣାମାନ ଘଟିବାର ନଜୀର ରହିଛି। ଏହି ଜଟିଆଗୁଡା କେନାଲରେ ପୋଲ ନିର୍ମାଣ ପାଇଁ ଟେଣ୍ଡର ହୋଇଛି। ତେବେ ଏଯାଏ କାର୍ଯ୍ୟ ଆରମ୍ଭ ହେଉନାହିଁ। ଜଟିଆଗୁଡ଼ା କେନାଲରେ ପୋଲ ନିର୍ମାଣ କାମ ଶୀଘ୍ର ଆରମ୍ଭ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତ ୧୪।୪।୨୩ରେ ଏହି ପଞ୍ଚାୟତର ହଳଦିସିଲ ଓ ଅଙ୍ଗାରଗୁଡ଼ା ଗ୍ରାମବାସୀ ପଞ୍ଚାୟତକୁ ରାଶନ ଚାଉଳ ଆଣିବାକୁ ଯାଇଥିଲେ। ମାତ୍ର ଫେରିବା ବେଳେ ଅଦିନିଆ ଝଡ ବର୍ଷା ଯୋଗୁ ଡଙ୍ଗା ଚାଳକ କେନାଲ ପାର କରିବାକୁ ମନା କରିଥିଲେ। ଫଳରେ ଗ୍ରାମବାସୀମାନେ ରାତିସାରା ଏକ ଆମ୍ବ ଗଛ ତଳେ ରାତି କଟାଇଥିଲେ।

